India Media Monitor

Sahan Mela

â€˜SAVE THE DOCTORâ€™ MOVEMENT

Date: 03/08/2013 | Edition: Bhubaneshwar | Page: 11 | Source: Bureau | Clip size (cm): W: 21 H: 13

‘ସେଭ୍ ଦି ଡକ୍ଟର’ ଅଭିଯାନ

ବାଙ୍ଗାଲୋର : ଇଣ୍ଡିଆନ୍ ମେଡିକାଲ୍ ଆସୋସି ଏସନ୍ ଏବଂ ଆସୋସି ଏସନ୍ ଅଫ୍ ହେଲ୍‌ଥ ପ୍ରୋଭାଇଡର୍‌ସ ଇଣ୍ଡିଆ ଏବଂ ଦେଶର ବିଭିନ୍ନ ଡାକ୍ତରୀ ଛାତ୍ର ପ୍ରତିନିଧି ମେଡିକାଲ୍ ସିଟ୍‌ରେ ସମାନତା ଆଣିବା ପାଇଁ ‘ସେଭ୍ ଦି ଡକ୍ଟର’ ଅଭିଯାନ ନିମନ୍ତେ ଡାକ୍ତରମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି। ଏହି ଗଣ ଅଭିଯାନର ଲକ୍ଷ୍ୟ ହେଉଛି ପଲିସି ନିର୍ମାତାଙ୍କୁ ପ୍ରଭାବିତ କରିବା ସହିତ ଦେଶରେ ଥିବା ଡାକ୍ତରୀ ଅନୁଷ୍ଠାନଗୁଡ଼ିକୁ ସହାୟତା ପ୍ରଦାନ କରିବା। ଦେଶରେ ୨ ରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ଅଭିଯାନଟିକୁ ସ୍ୱାଗତ କରିଛନ୍ତି।

ଡାକ୍ତରୀ ବିଭାଗର ଯେକୌଣସି ପୋଷ୍ଟଗ୍ରାଜୁଏଟ୍ କରୁଥିବା ଜଣେ ଡାକ୍ତର ଗାଇନୋକୋଲୋର୍ଜିଷ୍ଟ, ନ୍ୟୁରୋଲୋଜିଷ୍ଟ, ସର୍ଜନ୍, ରେଡିଓଲୋଜିଷ୍ଟ ଇତ୍ୟାଦି ଭାବରେ ନିଜକୁ ପ୍ରତିଷ୍ଠା କରିପାରିବେ। ଆଜି ଭାରତରେ ବିଭିନ୍ନ ଡାକ୍ତରୀ ଶିକ୍ଷାନୁଷ୍ଠାନମାନଙ୍କରେ ଉପଯୁକ୍ତ ସଂଖ୍ୟାରେ ପିଜି ସିଟ୍‌ର ଅଭାବ ହେତୁ ସ୍ୱେଶିଆଲିଷ୍ଟ ଡାକ୍ତରମାନଙ୍କର ଅଭାବ ରହିଛି। ଅବଶ୍ୟ ଭାରତରେ ସର୍ବାଧିକ ମେଡିକାଲ୍ ଶିକ୍ଷାନୁଷ୍ଠାନ ରହିଛି। ଏହି ପିଜି ଓ ୟୁଜି ଛାତ୍ରମାନଙ୍କ ପାଇଁ ଗ୍ରାମାଞ୍ଚଳରେ ଡାକ୍ତର ଇଣ୍ଟର୍ଣ୍ଣସିପ୍ କରିବାକୁ ବାଧ୍ୟତାମୂଳକ କରାଯିବା ତଥା ନିର୍ଦ୍ଧାରିତ କରାଯାଇଥିବା ସିଟ୍ ମାଧ୍ୟମରେ ତାରତମ୍ୟ ରହିବା ଦ୍ୱାରା ଅନେକ ଯୁବ ଡାକ୍ତର ପ୍ରଭାବିତ ହେବେ। ଯାହା ଜଣାଯାଉଛି ଆଗାମି ଦିନରେ ଯଦି ଏହିପରି ଚାଲେ ଆମର ସ୍ୱାସ୍ଥ୍ୟବସ୍ଥାରେ ଯଥେଷ୍ଟ ବିପଦ ରହିଛି କାରଣ ବରିଷ୍ଠ ସ୍ୱେଶିଆଲିଷ୍ଟ ଡାକ୍ତର/ ସର୍ଜନମାନେ କିଛି ଦିନ ମଧ୍ୟରେ ଅବସର ଗ୍ରହଣ କରିବେ ଏବଂ ଯାହା ଫଳରେ ସ୍ୱେଶିଆଲିଷ୍ଟ ଡାକ୍ତର/ ସର୍ଜନମାନଙ୍କର ଅଭାବ ଦେଖାଦେବ। ଏମ୍‌ସିଆଇ ଦ୍ୱାରା ନିଆଯାଇଥିବା ଏକ ବଳିଷ୍ଠ ପଦକ୍ଷେପରେ ୪୫,୨୦୦ ୟୁଜି ସିଟ୍‌କୁ ଖୁବ୍ ନିକଟରେ ୫୦,୦୦୦ କରାଯିବାକୁ ଅଛି ଯେଉଁଠାରେ କି କେବଳ ମାତ୍ର ୧୨,୦୦୦ ପିଜି ସିଟ୍‌କୁ ଅଧିକାଂଶ ଡାକ୍ତରମାନେ ବାଛିଥାନ୍ତି। ଏହାକୁ ଯଦି ତୁଳନା କରାଯାଏ ବିକାଶଶୀଳ ଦେଶ ଯଥା ଆମେରିକାରେ ୧୯୦୦୦ ୟୁଜି ସିଟ୍ ଏବଂ ୩୨୦୦୦ ପିଜି ସିଟ୍ ଓ ଫେଲୋସିପ୍ ସିଟ୍ ରହିଛି। ଉତ୍ତୀର୍ଣ୍ଣ ହାର ୮୦% ରୁ ୯୦% ସହିତ ପ୍ରତ୍ୟେକ ବର୍ଷ ୪୦୦୦୦ ଗ୍ରାଜୁଏଟ୍ ଡାକ୍ତର ଆସୁଛନ୍ତି ଏବଂ ସେମାନେ ଡାକ୍ତର ଲକ୍ଷ ଲକ୍ଷ ସିନିୟର ତଥା ବ୍ୟାଚ୍‌ମେଟ୍‌ଙ୍କ ସହିତ ମାତ୍ର ୧୨୦୦୦ ସିଟ୍ ମଧ୍ୟରେ ସ୍ଥାନ ପାଇବା ନିମନ୍ତେ ପ୍ରତିଯୋଗୀତା କରୁଛନ୍ତି। ଏନ୍‌ଇଇଟି ଅଧୀନରେ ଗତ ଥର ଅନୁଷ୍ଠିତ ହୋଇଥିବା ପିଜି ପ୍ରବେଶିକା ପରୀକ୍ଷାରେ ୧,୧୦,୦୦୦ ଡାକ୍ତରମାନେ ଏହି ୧୨୦୦୦ ସିଟ୍‌ମଧ୍ୟରେ ସ୍ଥାନ ପାଇବା ପାଇଁ ପରୀକ୍ଷାରେ ଭାଗ ନେଇଥିଲେ। ଏହା ସହିତ ୧ ବର୍ଷର ବାଧ୍ୟତାମୂଳକ ଗ୍ରାମାଞ୍ଚଳ ନିଯୁକ୍ତି ସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଏହାକୁ ବିଚାର କରି ବିଶ୍ୱ ସ୍ୱାସ୍ଥ୍ୟ ପରିସଂଖ୍ୟାନ ନିର୍ଦ୍ଧାରିତ କରିଛି ଯେ ପ୍ରତି ୧୦୦୦ ଜନସଂଖ୍ୟା ପାଇଁ ଭାରତରେ ୦.୯ ବେଡ୍ ରହିଛି ଯାହାକି ବିଶ୍ୱସ୍ତରୀୟ ହାର ୨.୯ ତୁଳନାରେ ବହୁତ କମ୍।